# NATIONAL NEWS BULLETIN (ODIA)
## 30 January - 2026
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶରେ କୃତ୍ରିମ ବୁଦ୍ଧିମତା ଭିତ୍ତିଭୂମି ବିକାଶ ଅତ୍ୟନ୍ତ ଉତ୍ସାହଜନକ, କହିଲେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।

– ନୂଆଦିଲ୍ଲୀରେ ଆସନ୍ତାମାସ ୧୬ ତାରିଖରୁ ଆରମ୍ଭ ହେବ ଭାରତ – କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ।

- ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ୭୮ତମ ପୁଣ୍ୟତିଥିରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦେଲେ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।
- ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ଘଟଣାର ତଦନ୍ତଭାର ମହାରାଷ୍ଟ୍ର ସି.ଆଇ.ଡି.କୁ ହସ୍ତାନ୍ତର ।
- ପ୍ରାୟ ୨ ବର୍ଷ ବନ୍ଦ ରହିବା ପରେ ଇଜିପ୍ଟ ନିକଟସ୍ଥ ଗାଜା ସୀମାବର୍ତ୍ତୀ ମାର୍ଗ ଖୋଲିବା ଲାଗି ଘୋଷଣା କଲା ଇସ୍ରାଏଲ୍ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ଗୁଜରାଟ ଜାଏଣ୍ଟସ୍ ।

## ଅଶ୍ୱିନୀ-ଏଆଇ ସମିଟ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆସନ୍ତା ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଭାରତ–କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହେବ । ସାରା ବିଶ୍ୱରେ ଅନୁଷ୍ଠିତ ଏ.ଆଇ. ସମ୍ମିଳନୀ ମଧ୍ୟରେ ଏହା ସର୍ବବୃହତ ସମ୍ମିଳନୀ ହେବ ବୋଲି ସେ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ସମ୍ମିଳନୀରେ ୧୦୦ରୁ ଅଧିକ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଯୋଗଦେବେ । ଦେଶରେ ଯେଉଁଭଳି ଭାବେ ଏ.ଆଇ. ଇକୋ ସିଷ୍ଟମ୍‌ର ବିକାଶ ଘଟୁଛି ତାହା ଅତ୍ୟନ୍ତ ଉତ୍ସାହଜନକ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**VO-Ashwini-AI**

ଏହି ସମ୍ମିଳନୀରେ ଭାଗ ନେବା ଲାଗି କେନ୍ଦ୍ର ସରକାରଙ୍କ ଓ୍ୱେଭ୍‌ସ୍ ପକ୍ଷରୁ ଷ୍ଟାର୍ଟଅପ୍ ଗୁଡ଼ିକୁ ଆବେଦନ କରିବା ଲାଗି କୁହାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସମ୍ମିଳନୀ ଭାରତର କୃତ୍ରିମ ବୁଦ୍ଧିମତା ସମାଧାନ କ୍ଷେତ୍ରରେ ଏକ ଜାତୀୟ

ମଞ୍ଚ ଭାବେ କାର୍ଯ୍ୟ କରିବ । ସମ୍ମିଳନୀର ଏକ ଅଂଶ ଭାବେ ୱେଭ୍‌କ୍ସ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ଉତ୍ପାଦକୁ ନେଇ ଷ୍ଟାର୍ଟଅପ୍ ପ୍ରଦର୍ଶନୀ କରିବ ବୋଲି ଜଣାପଡ଼ିଛି । ମନ୍ତ୍ରଣାଳୟ ପକ୍ଷରୁ ଏକ ପାଭେଲିୟନ୍‌ରେ ଦେଶର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ଏ.ଆଇ. ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ପ୍ରଦର୍ଶନ କରାଯିବ । ସମ୍ମିଳନୀରେ ନବସୃଜନକାରୀ, ନୀତିନିର୍ଦ୍ଧାରକ, ଶିଳ୍ପ ନେତୃତ୍ୱ, ନିବେଶକାରୀ ଏବଂ ବିଶ୍ୱସ୍ତରୀୟ ଅଂଶିଦାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଭିପି-ଗାନ୍ଧି ଟ୍ରିବ୍ୟୁଟ୍

ଉପରାଷ୍ଟ୍ରପତି ସି.ପି ରାଧାକୃଷ୍ଣନ ଆଜି ନୂଆଦିଲ୍ଲୀର ଉପରାଷ୍ଟ୍ରପତି ଏନକ୍ଲେଭରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୮ ତମ ପୁଣ୍ୟତିଥିରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ କାର୍ଯ୍ୟ ଏବଂ ନୀତି ଦେଶ ପାଇଁ ଏକ ଗଭୀର ନୈତିକ ଦିଗଦର୍ଶକ ହୋଇ ରହିଛି। ଉପରାଷ୍ଟ୍ରପତି କହିଛନ୍ତି, ନ୍ୟାୟ, ସଦ୍ଭାବ ଏବଂ ଏକ ସମାବେଶୀ ସମାଜ ନିମନ୍ତେ ଗାନ୍ଧିଜୀଙ୍କ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସେ ଆଶା ପ୍ରକାଶ କରିଛନ୍ତି ଯେ ବାପୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟ, ଅହିଂସା ଏବଂ ନିଃସ୍ୱାର୍ଥପର ସେବାର ଜୀବନ ଏବଂ ଆଦର୍ଶ ମାନବଜାତିକୁ ପ୍ରେରଣା ଦେଉଥିବ।

ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀର ଗାନ୍ଧି ସ୍ମୃତି ଭବନରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇଥିଲେ ।

## ଅମିତ ଶାହା-ଆସାମ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଇଦିନିଆ ଆସାମ ଗସ୍ତରେ ଯାଇ ଦିବ୍ରୁଗଡ଼ ଜିଲ୍ଲାରେ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପରେ ସେ ଧେମାଜୀ ଜିଲ୍ଲାରେ ଏକ ଯୁବା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ଉପସ୍ଥିତ ଥିଲେ ।

ଦଶମ ମିଶିଂ ଯୁବା ମହୋତ୍ସବରେ ନିଜ ଉଦ୍‌ବୋଧନରେ ଶ୍ରୀ ଶାହା କହିଛନ୍ତି, ମିଶିଂ ସମ୍ପ୍ରଦାୟର ସଂସ୍କୃତି ଏବଂ ସେମାନଙ୍କ କାର୍ଯ୍ୟ ଓ ପ୍ରକୃତିର ସଂରକ୍ଷଣ ଦିଗରେ ଏକ ମହତ ପଦକ୍ଷେପ । ସେ କହିଛନ୍ତି, ମିଶିଂ ସମ୍ପ୍ରଦାୟର ଯୁବପିଢ଼ିଙ୍କୁ କର୍ମ ସଂସ୍ଥାନ ଯୋଗାଇଦେବା ଲାଗି ଖୁବ୍ ଶୀଘ୍ର ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ଆରମ୍ଭ କରାଯିବ । ଆସାମ ଗସ୍ତ କାଳରେ ଶ୍ରୀ ଶାହା ଦିବ୍ରୁଗଡ଼ରେ ବନ୍ୟା ଏବଂ ଭୂସ୍ଖଳନ ପ୍ରତିରୋଧି ପଦକ୍ଷେପର ଶୁଭାରମ୍ଭ କରିଥିଲେ । ଶ୍ରୀ ଶାହା କହିଛନ୍ତି, ଆସାମ ସରକାର ୨୦୦ଟି ପ୍ରାଥମିକ ବିଦ୍ୟାଳୟରେ ମିଶିଂ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ

କରିଛନ୍ତି । ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ଶାହା ବିଜେପି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ।

ଏହା ପୂର୍ବରୁ ଶ୍ରୀ ଶାହା ଦିବ୍ରୁଗଡ଼ଠାରେ ୨୮୪ କୋଟି ଟଙ୍କା ବ୍ୟୟରେ ଦ୍ୱିତୀୟ ବିଧାନସଭା ଶୌଧ ଓ ବିଧାୟକ ହଷ୍ଟେଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଶ୍ରୀ ଶାହା ଜାତୀୟ ବିପର୍ଯ୍ୟୟ ଦୂରୀକରଣ ପାଣ୍ଠି ଅନ୍ତର୍ଗତ ଆର୍ଦ୍ରଭୂମି ପୁନଃସ୍ଥାପନ ଲାଗି ୬୯୨ କୋଟି ଟଙ୍କାର ଏକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ପ୍ରକଳ୍ପ ଜରିଆରେ ୯ଟି ଜିଲ୍ଲାରେ ଚିହ୍ନଟ କରାଯାଇଥିବା ୧୫ଟି ଆର୍ଦ୍ରଭୂମି ଅଞ୍ଚଳର ପୁନଃସ୍ଥାପନ କରାଯିବ। ଏହି ଅବସରରେ ଶ୍ରୀ ଶାହା ୨୩୮ କୋଟି ଟଙ୍କାର ଅତ୍ୟାଧୁନିକ କ୍ରୀଡ଼ା କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟକୁ ଉଦ୍‌ଘାଟନ କରିବା ସହ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

**VO-Amit Saha-Sports**

ଏହି ଅବସରରେ ଶ୍ରୀ ଶାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆସାମରେ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ବିକାଶ କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି ।

## ମହା-ଅଜିତ ପାୱାର

ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ଘଟଣାରେ ତଦନ୍ତ ଭାର ମହାରାଷ୍ଟ୍ର ଅପରାଧିକ ଅନୁସନ୍ଧାନ ବିଭାଗ – ସି.ଆଇ.ଡି.କୁ ହସ୍ତାନ୍ତର କରାଯାଇଛି ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଗତ ବୁଧବାର ଦିନ ବାରାମତି ବିମାନ ବନ୍ଦରରେ କ୍ରାସ୍ ଲ୍ୟାଣ୍ଡିଂ ସମୟରେ ଦୁର୍ଘଟଣା ଘଟି ଅଜିତ ପାୱାରଙ୍କ ସମେତ ଅନ୍ୟ ୪ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୁଣେ ଗ୍ରାମାଞ୍ଚଳ ପୋଲିସ୍ ଏକ ଦୁର୍ଘଟଣା ଜନିତ ମାମଲା ପଞ୍ଜିକୃତ କରିଥିଲା । ଏବେ ଏହି ମାମଲାର ତଦନ୍ତ ସି.ଆଇ.ଡି.କୁ ହସ୍ତାନ୍ତର କରାଯାଇଛି ।

## ଡବ୍ଲ୍ୟୁବି ଇଲେକ୍ସନ୍-ଡକ୍ୟୁମେଣ୍ଟ

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନର ଶୁଣାଣି ପ୍ରକ୍ରିୟାରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଦସ୍ତାବିଜ୍ ବଦଳରେ ଅନ୍ୟ କୌଣସି ଦସ୍ତାବିଜ୍ ଗ୍ରହଣ କରାଯିବ ନାହିଁ । ସେ କ୍ଷେତ୍ରରେ ଚୂଡ଼ାନ୍ତ ଭୋଟର ତାଲିକାରୁ ନାମ ବାଦ୍ ଦିଆଯିବ । ଯେଉଁ ନିର୍ବାଚନ ଅଧିକାରୀମାନେ ନିର୍ଦ୍ଧାରିତ ଦସ୍ତାବିଜ୍ ପରିବର୍ତ୍ତେ ଅନ୍ୟ ଦସ୍ତାବିଜ୍ ଗ୍ରହଣ କରିଛନ୍ତି ଓ ଅନ୍‌ଲାଇନ୍‌ରେ ଅପ୍‌ଲୋଡ଼ କରିଛନ୍ତି, ସେହି ଅଧିକାରୀମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଉଥିବା ଆୟୋଗ

କହିଛନ୍ତି । କମିଶନ୍‌ଙ୍କ ସୂଚନା ଅନୁଯାୟୀ ଏହି ପ୍ରକ୍ରିୟାରେ କୌଣସି ତ୍ରୁଟି କିମ୍ବା ନିୟମ ବର୍ହିଭୂତ କାର୍ଯ୍ୟ ହୋଇଥିଲେ କଠୋର ପଦକ୍ଷେପ ଗ୍ରହଣ କରାଯିବ ।

ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ପ୍ରକାଶିତ ତାଲିକା ଅନୁଯାୟୀ ଅନେକ ଭୋଟର ଶୁଣାଣି ପାଇଁ ନିର୍ଦ୍ଧାରିତ ଦସ୍ତାବିଜ୍ ବଦଳରେ ଅଲଗା ଦସ୍ତାବିଜ୍ ଦାଖଲ କରିଛନ୍ତି । ସେହିଭଳି ଭୋଟରଙ୍କ ସଂଖ୍ୟା ଲକ୍ଷାଧିକ ହେବ ବୋଲି କମିଶନ୍ କହିଛନ୍ତି ।

# ବିଜେପି-କଂଗ୍ରେସ-ଟିଏମ୍‌ସି

କର୍ଣ୍ଣାଟକ ମଦ ଦୁର୍ନୀତି ଘଟଣାରେ ବିଜେପି କଂଗ୍ରେସକୁ ସମାଲୋଚନା କରିଛି । ନୂଆଦିଲ୍ଲୀରେ ଆଜି ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, କର୍ଣ୍ଣାଟକରେ ମଦ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ବିଜେପି କିମ୍ବା ଅନ୍ୟ କୌଣସି ବିରୋଧୀ ଦଳ କରିନାହାନ୍ତି । ବରଂ କର୍ଣ୍ଣାଟକର ମଦ ବ୍ୟବସାୟୀ ସଂଘ ଏହି ଅଭିଯୋଗ ଆଣିଛନ୍ତି । ଶ୍ରୀ ତ୍ରିବେଦୀ ମହିଶୁର ସହରାଞ୍ଚଳ ବିକାଶ ପ୍ରାଧିକରଣରେ ବାସଗୃହ ଆବଣ୍ଟନ କ୍ଷେତ୍ରରେ ହୋଇଥିବା ଅନିୟମିତତା ନେଇ ପ୍ରଶ୍ନ ଉଠାଇଛନ୍ତି । ସେ ଅଭିଯୋଗ କରିଛନ୍ତି, କଂଗ୍ରେସ ଯେତେବେଳେ

କ୍ଷମତାରେ ରହିଛି, ସେତେବେଳେ ଦୁର୍ନୀତି କରିଛି ଏବଂ ଜନମଙ୍ଗଳଠାରୁ ଦୂରେଇ ଯାଇଛି ।

ବିଜେପି ମୁଖପାତ୍ର ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରି କହିଛନ୍ତି, କାଲକାଟା ଉଚ୍ଚନ୍ୟାୟାଳୟ ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ସୀମାରେ ବାଡ଼ ବସାଇବା ଲାଗି ସମୟ ଧାର୍ଯ୍ୟ କରିଥିଲେ ମଧ୍ୟ ପଶ୍ଚିମବଙ୍ଗ ସରକାର ଜମି ଆବଣ୍ଟନ କରି ନାହାନ୍ତି । ଜାତୀୟ ସୁରକ୍ଷା ନେଇ ତୃଣମୂଳ କଂଗ୍ରେସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ଅନୁପ୍ରବେଶ ଜରିଆରେ ଭୋଟ ହାତେଇବାକୁ ଯୋଜନା କରିଥିବା ସେ କହିଛନ୍ତି ।

## ଇସ୍ରାଏଲ୍-ଗାଜା ବର୍ଡର

ପ୍ରାୟ ଦୁଇ ବର୍ଷ ଧରି ବନ୍ଦ ରହିଥିବା ଗାଜାର ସୀମାବର୍ତ୍ତୀ ରାସ୍ତା ପୁଣି ଖୋଲିବା ଲାଗି ଇସ୍ରାଏଲ୍ ଘୋଷଣା କରିଛି । ଇଜିପ୍ଟକୁ ଲାଗି ଉଭୟ ପଟରୁ ପାଲେଷ୍ଟାଇନ୍ ଅଧିବାସୀମାନଙ୍କୁ ପ୍ରବେଶ ଏବଂ ପ୍ରସ୍ଥାନ ଲାଗି ଅନୁମତି ସ୍ୱରୂପ ଚଳିତ ସପ୍ତାହ ଶେଷ ସୁଦ୍ଧା ରାସ୍ତା ଖୋଲିବା ଲାଗି ଇସ୍ରାଏଲ୍ ନିଷ୍ପତ୍ତି ନେଇଛି । ଗାଜାକୁ ସହାୟତା ସମନ୍ୱୟ ଦାୟିତ୍ୱରେ ଥିବା ଇସ୍ରାଏଲ୍‌ର ସାମରିକ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସେହି ରାସ୍ତା ଦେଇ କେବଳ ଲୋକମାନେ ଯିବା ଆସିବା କରିପାରିବେ । ଉଭୟ ଇସ୍ରାଏଲ୍ ଏବଂ ଇଜିପ୍ଟ ପକ୍ଷରୁ ସେହି ମାର୍ଗ ଦେଇ ପ୍ରବେଶ ଏବଂ ପ୍ରସ୍ଥାନ

କରୁଥିବା ଲୋକମାନଙ୍କ ତାଲିକା ପ୍ରସ୍ତୁତ କରାଯିବ ଓ ୟୁରୋପୀୟ ସଂଘ ପକ୍ଷରୁ ସୀମା ତଦାରଖ କରୁଥିବା ଏଜେଣ୍ଟ ସେହି ବ୍ୟବସ୍ଥାକୁ ନିରୀକ୍ଷଣ କରିବେ । ଯୁଦ୍ଧ ସମୟରେ ଯେଉଁ ପାଲେଷ୍ଟାଇନ୍ ଅଧିବାସୀମାନେ ଗାଜା ପରିତ୍ୟାଗ କରି ଚାଲି ଯାଇଥିଲେ ସେମାନେ ଇସ୍ରାଏଲ୍ ପକ୍ଷରୁ ଅନୁମତି ମିଳିବା ପରେ ପ୍ରବେଶ କରିପାରିବେ ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍‌ର ଆଜିର ମ୍ୟାଚ୍‌ରେ ଗୁଜୁରାଟ ଜାଏଣ୍ଟ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଭଦୋଦରା ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ। ଟସ୍ ଜିତି ଗୁଜରାଟ ଜାଏଣ୍ଟ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଅଙ୍କ ତାଲିକାରେ ୧୨ ପଏଣ୍ଟ ସହିତ ଆର୍.ସି.ବି. ଶୀର୍ଷରେ ରହିଥିବା ବେଳେ ୮ ପଏଣ୍ଟ ସହ ଗୁଜୁରାଟ ଜାଏଣ୍ଟ୍‌ସ ଦ୍ୱିତୀୟ ଏବଂ ୬ ପଏଣ୍ଟ ସହ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ଓ ଦିଲ୍ଲୀ କ୍ୟାପିଟାଲ୍ସ ଚତୁର୍ଥ ସ୍ଥାନରେ ରହିଛି।